# ମନ ଜିଣିଲେ ଯମୁନାମଣି

## 'ମନ୍‌କୀ ବାତ୍‌'ରେ ମୋଦିଙ୍କ ପ୍ରଶଂସା

ବାଲେଶ୍ୱର/ନୀଳଗିରି,୨୯/୧୧ (ଇମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ମନ୍‌କୀ ବାତ୍‌'ରେ ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ଅଧୀନ ସଜନାଗଡ଼ ପଞ୍ଚାୟତର ତେଣ୍ଡା-୨ ଗାଁର ଆଶାକର୍ମୀ ଯମୁନାମଣି ସିଂ (୨୮)ଙ୍କୁ ପ୍ରଶଂସା କରିଛନ୍ତି। ଆଜି ପ୍ରସାରିତ ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି କହିଥିଲେ, ନୀଳଗିରି ଭଳି ଏକ ପାହାଡ଼ିଆ ଓ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର

### ମ୍ୟାଲେରିଆ ନିରାକରଣରେ ଅନ୍ୟମାନଙ୍କ ପାଇଁ ଉଦାହରଣ

ଆଶାକର୍ମୀ ଯମୁନାମଣି ମ୍ୟାଲେରିଆ ନିରାକରଣ କ୍ଷେତ୍ରରେ ନିଜର ଶ୍ରେଷ୍ଠତା ପ୍ରଦର୍ଶନ କରିଛନ୍ତି। ତାଙ୍କର ଚିକିତ୍ସାଶୈଳୀ, କର୍ତ୍ତବ୍ୟ ନିଷ୍ଠା ଓ ଏକାଗ୍ରତା ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି। ସେ ଗ୍ରାମବାସୀଙ୍କୁ ସଚେତନ କରାଉଥିଲେ। କାହାକୁ ମ୍ୟାଲେରିଆ ହେବା ଖବର ପାଇବା ମାତ୍ରେ ସେ ସେଠାରେ ପହଞ୍ଚି ଔଷଧ ଓ ଉପଚାରର ବ୍ୟବସ୍ଥା କରୁଥିଲେ ଓ ଗ୍ରାମବାସୀଙ୍କୁ ଶିକ୍ଷା ଦେଉଥିଲେ। ଯମୁନାମଣିଙ୍କ ଉଦ୍ୟମ ପାଇଁ ଗ୍ରାମଟି କ୍ରମେ ମ୍ୟାଲେରିଆରୁ ମୁକ୍ତ ହୋଇଥିଲା। ଯମୁନାମଣି ୨୦୧୦ ଅଗଷ୍ଟରେ ଆଶାକର୍ମୀ ଭାବେ ତାଲିମ ନେଇଥିଲେ। ଗଲା ୫ ବର୍ଷ ଧରି ସେ ନିଜ ଅଞ୍ଚଳରେ ନିଷ୍ଠାର

## 'ବାଘ, ଭାଲୁ ଭୟ ମତେ ରୋକି ପାରିନି'



ବାଲେଶ୍ୱର/ନୀଳଗିରି,୨୯/୧୧ (ଇମିସ): ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା ଯମୁନାମଣିଙ୍କୁ ସ୍ୱପ୍ନଭଳି ଲାଗୁଛି। 'ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୋତେ ତାଙ୍କ କାର୍ଯ୍ୟକ୍ରମରେ ପ୍ରଶଂସା କରିଥିବା ବିଶ୍ୱାସ କରିପାରୁନି' ବୋଲି କହିଛନ୍ତି ଯମୁନାମଣି। ସେ କହିଛନ୍ତି; ମୁଁ ମୋ କାର୍ଯ୍ୟ କରିଛି। କେବେ ବି ସେଥିରେ ଅବହେଳା କରିନାହିଁ। ଏପରିକି ରାତି ୨ଟା ପର୍ଯ୍ୟନ୍ତ ତେଣ୍ଡା-୨ ଗାଁରେ ବୁଲି ବୁଲି ରୋଗୀଙ୍କୁ ଚିକିତ୍ସା ସୁବିଧା ଯୋଗାଇ ଦେଇଛି। ଆମ ଅଞ୍ଚଳଟି କୁଳଡିହା ଅଭୟାରଣ୍ୟ ମଧ୍ୟରେ ଅବସ୍ଥିତ ଥିବାରୁ ଯୋଗାଯୋଗର ଉନ୍ନତ ବ୍ୟବସ୍ଥା ନାହିଁ। ବାଘ, ଭାଲୁ ଆଦି ହିଂସ୍ର ଜୀବଜନ୍ତୁଙ୍କ ଭୟ ମଧ୍ୟ ରହିଛି। କିନ୍ତୁ ସେମାନଙ୍କ ଭୟ କାର୍ଯ୍ୟ ସମ୍ପାଦନରୁ ରୋକିପାରିନି। ବର୍ଷାଦିନେ ଉକ୍ତ ଅଞ୍ଚଳକୁ ଗାଡ଼ି ଚଳାଚଳ କରୁ ନଥିବାରୁ ଚିକିତ୍ସା ସୁବିଧା ଯୋଗାଇ ଦେବାରେ ବହୁ ଅସୁବିଧା ହେଉଥିବା ଯମୁନାମଣି 'ସମ୍ବାଦ'କୁ ଏକ ସ୍ୱତନ୍ତ୍ର ସାକ୍ଷାତକାରରେ କହିଛନ୍ତି। ସରକାରଙ୍କ ପକ୍ଷରୁ ଡିଡିଟି ସ୍ପ୍ରେ, ମଶାରି ବଣ୍ଟନ ସହ ସ୍ୱାସ୍ଥ୍ୟ ଟିମ୍ ମାଧ୍ୟମରେ ଲୋକଙ୍କୁ ସଚେତନ କରାଇଲେ ଏ କ୍ଷେତ୍ରରେ ଅଧିକ ସଫଳତା ମିଳିବ ବୋଲି ଯମୁନାମଣି ମତ ରଖିଛନ୍ତି।

ସୂଚନାଯୋଗ୍ୟ କି ଆଜି ସକାଳେ ଯମୁନାମଣି ବିଲରେ ଧାନ